୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖେଳ ପର୍ଯ୍ୟବେକ୍ଷକ



# କିମସରେ ଅତି ବିରଳ ସ୍ନାୟୁ ରୋଗ 'ନୋଡୋପାଥି'ର ସଫଳ ଚିକିତ୍ସା



ଭୁବନେଶ୍ୱର,(ପି.ଏନ): କିମସ ଡାକ୍ତରମାନେ ନୋଡୋପାଥି ଓ ପାରାନୋଡୋପାଥି ଭଳି ନୂତନ ଆବିଷ୍କୃତ ଅତି ବିରଳ ସ୍ନାୟୁ ରୋଗରେ ସଫଳ ଚିକିତ୍ସା କରି ଉଦାହରଣ ସୃଷ୍ଟି କରିଛନ୍ତି। ଜଣେ ୩୪ ବର୍ଷୀୟ ମହିଳା ପକ୍ଷାଘାତଗ୍ରସ୍ତ ରୋଗରେ ଆକ୍ରାନ୍ତ ହୋଇ ମୁଣ୍ଡ ବ୍ୟତୀତ ଶରୀରର ଅନ୍ୟ କୌଣସି ଅଂଶ କାମ କରୁନଥିଲା। ଗୁରୁତର ଅବସ୍ଥା ସତ୍ତ୍ୱେ ସେ ସଂପୂର୍ଣ୍ଣ ସଚେତନ ଥିଲେ। କିମ୍ସରେ ଭର୍ତ୍ତି ହେବା ପରେ ସ୍ନାୟୁରୋଗ ବିଭାଗ ମୁଖ୍ୟ ଡା ସନ୍ତୋଷ ଦାସ ତାଙ୍କ ରୋଗ ସମ୍ପର୍କରେ ବ୍ୟାପକ ତର୍ଜମା କରିଥିଲେ। ଶେଷରେ ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷାରୁ ତାଙ୍କଠାରେ ନୋଡୋପାଥି ଓ ପାରାନୋଡୋପାଥି ଭଳି ନୂତନ ଆବିଷ୍କୃତ ଅତି ବିରଳ ସ୍ନାୟୁ ରୋଗରେ ପୀଡ଼ିତ ବୋଲି ଜଣାପଡ଼ିଥିଲା। ଏଭଳି ବିରଳ ସ୍ନାୟୁ ରୋଗ ଗୁରୁତର ସ୍ନାୟୁଗତ କ୍ଷତି କରିଥାଏ ଏବଂ ସଂପୂର୍ଣ୍ଣ ପକ୍ଷାଘାତର କାରଣ ହୋଇଥାଏ। ଏଭଳି ଘଟଣା ସମଗ୍ର ଭାରତରେ ବିରଳ ବୋଲି ଡା ଦାସ ଦାବି କରିଛନ୍ତି। ଏଭଳି ରୋଗକୁ ଅଳ୍ପ କିଛି ଦିନ ପୂର୍ବରୁ ଚିକିତ୍ସାରେ ଅନ୍ତର୍ଭୁକ୍ତ କରାଯାଇଥିବା ଡା ଦାସ ପ୍ରକାଶ କରିଛନ୍ତି।

ଡା. ଦାସଙ୍କ ନେତୃତ୍ୱରେ କିମସର ଡାକ୍ତର ଅବିନାଶ ବଡ଼ପଣ୍ଡା ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଏହି ଚିକିତ୍ସା ଚ୍ୟାଲେଞ୍ଜକୁ ଦୃଢ଼ତାର ସହିତ ଗ୍ରହଣ କରିଥିଲେ। ବିରଳ ରୋଗର ଜଟିଳତା ସତ୍ତ୍ୱେ ରୋଗୀଙ୍କ ସଫଳ ଚିକିତ୍ସା କରିଥିଲେ। ରୋଗୀଙ୍କ ଅବସ୍ଥା ଏପରି ଥିଲା ଯେ, ତାଙ୍କୁ ଭେଣ୍ଟିଲେଟରରେ ରଖିବାକୁ ପଡ଼ିଥିଲା। ଆବଶ୍ୟକ ରକ୍ତ ପରୀକ୍ଷା କେରଳରେ କରାଯାଉଥିବାରୁ ଓଡ଼ିଶାରେ ରୋଗ ନିର୍ଣ୍ଣୟ ସମ୍ଭବ ହେଉନଥିଲା। ଶେଷରେ କିମ୍ସ ଡାକ୍ତରମାନେ ସଫଳତାର ସହ ମହିଳାଙ୍କ ଚିକିତ୍ସା କରିଛନ୍ତି। ଏବେ ସେ ସୁସ୍ଥ ଅଛନ୍ତି ଓ ସାଧାରଣ ଜୀବନ ଜୀଉଛନ୍ତି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ କିମ୍ସ କର୍ମଚାରୀଙ୍କ ସେବା ପାଇଁ ସେ କିମ୍ସକୁ ଧନ୍ୟବାଦ ଜଣାଛନ୍ତି। ରୋଗୀ ଜଣକ କହିଛନ୍ତି, 'ମୁଁ କେବେ ଭାବି ନଥିଲି ଯେ ମୁଁ ଜୀବିତ ଫେରିବି। କିମସର ଡାକ୍ତରମାନେ ମୋତେ ଏକ ନୂତନ ଜୀବନ ଦେଇଛନ୍ତି।' ଅପରପକ୍ଷରେ ଏଭଳି ବିରଳ ରୋଗ ଚିହ୍ନଟ ଓ ସଫଳ ଚିକିତ୍ସା କରିପାରିଥିବାରୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିମ୍ସ ସଂପୃକ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

# କେନ୍ଦ୍ରାପଡାରେ ଗଜଲକ୍ଷ୍ମୀ ଭଷାଣୀ : ପ୍ରଥମ ଦିନରେ ବିସର୍ଜିତ ହୋଇପାରିଲେନି ସବୁ ମେଢ



କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ମେଳଣ ସୋମବାର ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଭଷାଣୀ ଉତ୍ସବ ଆରମ୍ଭ ହୋଇଛି। ରାତି ସୁଦ୍ଧା କେତେକ ମେଢ ପାଣିରେ ବିସର୍ଜିତ ହୋଇଥିବା ବେଳେ ବାକି ମେଢ ରାସ୍ତାରେ ଅଟକି ରହିଛନ୍ତି। ପ୍ରଶାସନିକ ନିଷ୍ପ ି ଅନୁଯାୟୀ ଦୁଇ ଦିନରେ ମେଳଣ ଓ ଭଷାଣୀ ଉତ୍ସବ ଶେଷ ହେବା ପରିବର୍ ଏହା ତୃତୀୟ ଦିନକୁ ଗଡିଯିବ ବୋଲି ଅନୁମାନ କରାଯାଉଛି। ସୋମବାର ରାଜ୍ୟର ଅନନ୍ୟ ଜଗଲକ୍ଷ୍ମୀ ପୂଜା ମେଳଣ ଉତ୍ସବ କେନ୍ଦ୍ରାପଡ଼ା ସହରରେ ଆରମ୍ଭ ହୋଇଥିଲା। ୪୮ଟି ମେଢ ଏହି ଉତ୍ସବରେ ସାମିଲ ହୋଇଥିଲେ। ପରମ୍ପରା ଓ ପ୍ରଶାସନର ନିଷ୍ପ ି ଅନୁଯାୟୀ ସୋମବାର ମେଳଣ ଉତ୍ସବ ଆରମ୍ଭ ହୋଇଥିଲା। ସୋମବାର ରାତି ସୁଦ୍ଧା ସମସ୍ତ ମେଢ ପୁରୁଣା ବସଷ୍ଟାଣ୍ଡରେ ପହ ିବା କଥା। ମଙ୍ଗଳବାର ଭୋର ସମୟରେ ମେଳଣ ପଡିଆରେ ଭୋଗ ଲାଗିବା ପରେ ମେଢଗୁଡିକ ବିସର୍ଜନ ଘାଟ ଅଭିମୁଖେ ବାହାରିଥାନ୍ତେ। କିନ୍ତୁ କେତେକ ପୂଜା କମିଟି ନୀତିନିୟମକୁ ଭୁଲିଯାଇ ମେଳଣ ପଡିଆରେ ପହ ିବାକୁ ବହୁ ବିଳମ୍ବ କରିଦେଇଥିଲେ। ଯାହା ଫଳରେ ମାତ୍ର ୮ଟି ମେଢ ରାତି ୧୨ଟା ସୁଦ୍ଧା ମେଳଣ ପଡିଆରେ ପହ ି ପାରିଥିଲେ। ଉଚ୍ଚ ଶବ୍ଦ କରୁଥିବା ବୈଦ୍ୟୁତିକ ବାଦ୍ୟଯନ୍ତ୍ର ବନ୍ଦ ହୋଇଯିବା ଫଳରେ ରାସ୍ତାରେ ଥିବା ଅନ୍ୟ ମେଢ ଗୁଡିକ ଆଉ ଆଗକୁ ବଢି ନଥିଲେ। ଭୋର ସୁଦ୍ଧା ମାତ୍ର ୨୬ଟି ମେଢ ମେଳଣ ପଡିଆରେ ପହ ି ପାରିଥିଲେ। ଅନ୍ୟ ୨୨ଟି ମେଢ ମେଳଣ ପଡିଆର ପୂର୍ବ ଓ ପଶ୍ଚିମ ଦିଗର ରାସ୍ତାରେ ଅଟକି ରହିଥିଲେ। ପ୍ରଶାସନିକ ଚାପରେ ରାସ୍ତାରେ ଥିବା ମେଢ ଗୁଡିକ ଅପରାହ୍ଣ ୨ଟା ପରେ ଶୋଭାଯାତ୍ରା କରି ମେଳଣ ପଡିଆକୁ ଆଗମନ କରିଥିଲେ। ତେବେ ସମସ୍ତ ମେଢ ମେଳଣ ପଡିଆରେ ପହ ିବାରେ ବିଳମ୍ବ ହୋଇଥିଲା। ତେଣୁ ଠାକୁରଙ୍କ ଭୋଗ ଖାଇବା ସମୟ ଅପରାହ୍ଣ ୪ଟା ହୋଇଯାଇଥିଲା। ପରେ ପରେ ନୂଆ ବସଷ୍ଟାଣ୍ଡ ଥାନପତି ମେଢ ମେଳଣ ପଡିଆ ଛାଡି ନୂଆବସଷ୍ଟାଣ୍ଡସ୍ଥିତ ବିସର୍ଜନ ଘାଟରେ ଆସି ବସିଥିଲା। ତା ପରେ କାକଟ ମଙ୍ଗଳା ଏବଂ ଧର୍ମଗୁଳା ଅନୁଯାୟୀ ଗୋଟିଏ ପରେ ଗୋଟିଏ ଅନ୍ୟ ମେଢଗୁଡିକ ଶୋଭାଯାତ୍ରାରେ ବିସର୍ଜନ ଘାଟ ଅଭିମୁଖେ ଯାତ୍ରା କରିଥିଲେ। ମେଳଣ ପଡିଆରେ ଥିବା କେତେକ ମେଢ ବିଳମ୍ବ ଯୋଗୁ ଅନ୍ୟ ରାସ୍ତା ଦେଇ ବିସର୍ଜନ ଘାଟକୁ ଆସିବାକୁ ବାଧ୍ୟ ହୋଇଥିଲେ। ଏହାଦ୍ୱାରା ପରମ୍ପରା ଭଙ୍ଗ ହୋଇଥିଲା ବୋଲି ଆଲୋଚନା ହୋଇଥିଲା। କାହିଁକି ପରମ୍ପରା ଭଙ୍ଗ ହେଲା ଓ ଏଥିପାଇଁ କିଏ ଦାୟୀ ବୋଲି କେତେକ ପୂଜା କମିଟି ସଦସ୍ୟ ପ୍ରଶ୍ନ କରିଛନ୍ତି। ମଙ୍ଗଳବାର ରାତି ୨ଟା ସୁଦ୍ଧା ୨୧ଟି ମେଢ ଗୋବରୀ ନଦୀ ଓ ଅନ୍ୟ ଜଳାଶୟର ବିସର୍ଜନ ଘାଟରେ ବିସର୍ଜିତ ହେବାର ସମ୍ଭାବନା ରହିଛି। ବାକି ମେଢଗୁଡିକ ବୁଧବାର ବିସର୍ଜିତ ହେବେ ବୋଲି ପ୍ରଶାସନ ପକ୍ଷରୁ ଅନୁମାନ କରାଯାଇଛି। ମେଳଣ ପଡିଆକୁ ସଠିକ ସମୟରେ ଯାଇ ପାରି ନଥିବା ପୂଜା କମିଟିର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ମେଳଣ ପଡିଆରେ ମା'ଙ୍କ ଦର୍ଶନ କରିବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମେଳଣ ପଡିଆରେ ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳ, ପୌରାଧକ୍ଷା ସରିତା ସାହୁ, କଂଗ୍ରେସ ନେତ୍ରୀ ଡ. ସିପ୍ରା ମଲ୍ଲିକ, ସମାଜସେବୀ ର ିତ ସାହୁ, ବିଜେପି ନେତା କିଶୋର ପଣ୍ଡା, ସଲିମ ଖାନ୍, ଗୀତାଞ୍ଜଳୀ ସେଠୀ, ମହମ୍ମଦ ଅବଦୁଲ ସ ାର ପ୍ରମୁଖ ମେଳଣ ପଡିଆରେ ପହ ି ଶାନ୍ତି ଶୃଙ୍ଖଳାର ସହ ଭଷାଣୀ ଉତ୍ସବ ଶେଷ କରିବା ପାଇଁ ପୂଜା କମିଟି କର୍ମକ ାଙ୍କୁ ନିବେଦନ କରିଥିଲେ। ବିଳମ୍ବ ସଂକ୍ରାନ୍ତରେ ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଆମେ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଥିଲୁ ସଠିକ ସମୟରେ ମେଢଗୁଡିକ ମେଳଣ ପଡିଆରେ ପହ ିବା ପାଇଁ। କିନ୍ତୁ କେତେକ ମେଢ ରାସ୍ତାରେ ଧୀରେ ଧୀରେ ଆସିବାରୁ ସମସ୍ତ ମେଢ ନିର୍ଦ୍ଧାରିତ ସମୟ ମଧ୍ୟରେ ପହ ି ପାରି ନଥିଲେ। ବିଳମ୍ବ ହୋଇଥିଲେ ମଧ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। କାରଣ ସବୁ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ବୋଲି ସେ କହିଥିଲେ।

# ଏକାଦଶାହରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର, (ପି ଏନ) ଜଗତସିଂହପୁରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକ ଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି।ସ୍ୱର୍ଗତ ମଲ୍ଲିକ ଙ୍କ ସରଳ,ଅମାୟିକ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ପାଇଁ ଜନମାନସରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଥିଲା।୧୯୮୦ ରୁ ୧୯୮୫ ମସିହା ପର୍ଯ୍ୟନ୍ତ ଜଗତସିଂହପୁର ବିଧାୟକ ଭାବରେ ନିର୍ବାଚିତ ହେବା ପରେ ସେ ସମାଜର ଦୁଷ୍ତ ଓ ଅବହେଳିତ ଲୋକମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ତ୍ୟାଗପୁତ ଜୀବନ ଓ ଆଦର୍ଶରେ ଆଜିର ଯୁବ ସମାଜ ଅନୁପ୍ରାଣିତ ହେବାକୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଆହ୍ୱାନ କରିଥିଲେ।ସ୍ଥାନୀୟ ଗାନ୍ଧୀ ଛକର ଲଳିତ ମଣ୍ଡପ ଠାରେ ଜିଲ୍ଲା ଓ ରାଜ୍ୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଦିବଂଗତ ଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।ତଥା ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ' ସ୍ମୃତିରେ କୃଷ୍ଣଚନ୍ଦ୍ର' ଅତିଥି ମାନଙ୍କ ଗହଣରେ ଉନ୍ମୋଚନ ହୋଇଯାଇଅଛି।ଉକ୍ତ ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁରର ପୂର୍ବତନ ସାଂସଦ ଡ଼ାକ୍ତର ରାଜଶ୍ରୀ ମଲ୍ଲିକ,ପୂର୍ବତନ ବିଧାୟକ ଚିରଞ୍ଜିବ ବିଶ୍ୱାଳ, ପୂର୍ବତନ ବିଧାୟକ କୈଳାସ ମଲ୍ଲିକ, ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି , ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର,ପୌରାଧକ୍ଷ ଅର୍ଚ୍ଚନା ସିଂ, ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ,ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ପୌରାଧକ୍ଷ ମଧୁସୂଦନ ସାହୁ,ପୌର ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ,ପୌର ନିର୍ବାହୀ ଅଧିକାରୀ ସୀମା ଜେନା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଚିତୀ ତନ୍ମୟା ମହାନ୍ତି, ସ୍ମୃତି ପତ୍ରର ମୁଖ୍ୟ ସମ୍ପାଦକ ସୁଦର୍ଶନ ବେହେରା,ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ,ବିଜେଡ଼ି ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ସମାଜସେବୀ ପ୍ରସନ୍ନ କୁମାର ସାମନ୍ତରାୟ,ପୃଥୀବଲ୍ଲଭ ପଟ୍ଟନାୟକ, ଗୌରାଙ୍ଗ ଚରଣ ହୋତା,ରଜନୀକାନ୍ତ ଚୌଧୁରୀ, ଶ୍ରୀକାନ୍ତ ଚୌଧୁରୀ, ସୂର୍ଯ୍ୟ ମହାନ୍ତି,ପ୍ରଣବ ଦେ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା,ବିଷ୍ଣୁ ଚରଣ ବାରିକ, ବେଦଦ୍ୟୁତି ପୃଷ୍ଟି, ସମିର ଖୁଣ୍ଟିଆ, ପ୍ରଭାକର ଦାସ, ଶିକ୍ଷାବିତ୍ ମୁରଲୀଧର ଦାସ, ବରିଷ୍ଠ ଆଇନଜୀବି ସଲିଲ୍ ଘୋଷ, ଦୋଳଗୋବିନ୍ଦ ଦାଶ, ଗଣେଶ୍ୱର ମାଣିଆ,ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମାନସ ରଥ,ପୂର୍ବତନ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ସର୍ବ ?ଶ୍ୱର ପଣ୍ଡା, ବିଧାୟକ ଙ୍କ ପୌର ପରିଷଦ ପ୍ରତିନିଧି ଶୁଶାନ୍ତ କୁମାର ସ୍ୱାଇଁ, ପାରିଷଦ ଦେବାଶିଷ ସ୍ୱାଇଁ,ପୂର୍ବତନ ସରପଂଚ ପ୍ରଭାକର ଜେନା,ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ଇନତିୟାଜ ଅହମ୍ମଦ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ,ଯୁବ ନେତା ସୌମ୍ୟରଞ୍ଜନ ମହାନ୍ତି, ଯୁବ ନେତା ସଙ୍କରେଶ୍ୱର ଦାସ, ଶିକ୍ଷାବିତ୍ ତପନ ମଲ୍ଲିକ, ସୁଜିତ୍ ଘୋଷ,ବଦ୍ରି ମହାନ୍ତି ,ଆଲୋକ ଦେ,ପ୍ରଶାନ୍ତ ମଲ୍ଲିକ, ସାରଦା ରଣା, ଶରତ ଚନ୍ଦ୍ର ପାତ୍ର,ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।ସ୍ୱର୍ଗତ ମଲ୍ଲିକ ଙ୍କ ଭଣଜା ଦେବେନ୍ଦ୍ର ମଲ୍ଲିକ,ସୁପୁତ୍ର ସୁବ୍ରତ ମଲ୍ଲିକ, ସଂଜିବ ମଲ୍ଲିକ ପୁତୁରା ପ୍ରିୟବ୍ରତ ମଲ୍ଲିକ ?,ଜ୍ୱାଇଁ ପ୍ରସନ୍ନ ମଲ୍ଲିକ , ପରିବାର ବର୍ଗ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଫେଷ୍ଟିଭ କଲେକ୍ସନ ଉନ୍ମୋଚିତ




ଭୁବନେଶ୍ୱର : ଭାରତର ଅନ୍ୟତମ ଅଗ୍ରଣୀ ଜୁଏଲାରୀ ରିଟେଲର, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍‌କୋ) ଚଳିତ ପାର୍ବଣ ଋତୁରେ ଏହାର ଧନ୍‌ତେରସ ସଗୁନ କ୍ୟାମ୍ପେନର ଶୁଭାରମ୍ଭ କରିଛି। ଦେଶବ୍ୟାପୀ ୧୯୨ରୁ ଅଧିକ ଶୋ'ରୁମ ସହିତ ସେନକୋ ହେଉଛି ଅନ୍ୟତମ ସର୍ବବୃହତ ଜୁଏଲାରୀ ରିଟେଲ ବ୍ରାଣ୍ଡ ଯାହାର ମୁଖ୍ୟାଳୟ ପୂର୍ବ ଭାରତରେ ରହିଛି। ପାର୍ବଣ ଋତୁର ଉତ୍ସାହକୁ ପାଳନ କରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସଗୁନ କଲେକ୍ସନ ଯଥା ୟେଲୋ ଗୋଲ୍ଡ, ଡାଇମଣ୍ଡ, ଆଂଟିକ୍ ଓ ପୋଲ୍‌କିରେ ଯତ୍ନର ସହ ନିର୍ମିତ ଡିଜାଇନଗୁଡିକର ଏକ ଫେଷ୍ଟିଭ ରେ ଆଣିଛି। ଏହି ସିଗ୍ନେଚର କଲେକ୍ସନକୁ ପରିପୂର୍ଣ୍ଣ କରୁଛି ସ୍ୱତନ୍ତ୍ର ଭାବେ ନିର୍ମିତ ଫେଷ୍ଟିଭ ଅଫରିଙ୍ଗ। ଦ ଲୋଟସ କଲେକ୍ସନ ବାଏ ଏଭରଲାଇଟରେ ୯ କ୍ୟାରଟ ଗୋଲ୍ଡ ଜୁଏଲାରୀରେ ଟ୍ରେଣ୍ଡି ଓ ହାଲୁକା ଜୁଏଲାରୀ ରହିଛି ଏବଂ ଏହା ଦୈନନ୍ଦିନ ବ୍ୟବହାର ସହ ଉତ୍କର୍ଷତା ଚାହୁଁଥିବା ଗ୍ରାହକଙ୍କ ପାଇଁ ଉପଯୁକ୍ତ। ସେହିପରି ଦ ତତ୍ୱ କଲେକ୍ସନ ବାଏ ଗସିପ ଫ୍ୟାଶନ-ଫରୱାର୍ଡ ସିଲ୍‌ଭର ଜୁଏଲାରୀ ସହ ପାର୍ବଣ ଡ୍ରେସିଂରେ ଏକ ଆଧୁନିକ ଟ୍ୱିଷ୍ଟ ଆଣିଛି। ପୁରୁଷଙ୍କ ପାଇଁ ଅହମ କଲେକ୍ସନ ଜୁଏଲାରୀର ଏକ ନୂଆ ରେର ଶୁଭାରମ୍ଭ କରିଛି। ପରିଶେଷରେ, ପରଫେକ୍ଟ ଲଭ୍ ହାର୍ଟସ ଆଣ୍ଡ ଆରୋସ୍ କଟ୍ ଡାଇମଣ୍ଡ ଜୁଏଲାରୀ ସହ ବିରଳ ଉତ୍କର୍ଷତାର ଯାଦୁକୁ କ୍ୟାପଚର କରିଛି । ଏହି ଦୃଶ୍ୟାତ୍ମକ ବିଶ୍ଳେଷଣର କେନ୍ଦ୍ରରେ ଅଛି କିଆରା ଆଡ୍‌ଭାନୀ, ଜଣେ ନୀରବ ପର୍ଯ୍ୟବେକ୍ଷକ ଏବଂ ସେନ୍‌କୋର ଉତ୍କର୍ଷତା ଓ ଉତ୍ସାହର ପ୍ରତିମୂର୍ତ୍ତି। ଏହା ଉପରେ ମତବ୍ୟକ୍ତ କରି ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ଜୋଇତା ସେନ କହିଛନ୍ତି, 'ଧନତେରସ ସଗୁନ କ୍ୟାମ୍ପେନ ହେଉଛି ଏକତାର ଏକ ଉତ୍ସବ , ଯେଉଁଠାରେ ସୁନାର ପ୍ରତ୍ୟେକ ଝଲକ ପ୍ରେମର ଉଷ୍ମତାକୁ ପ୍ରତିଫଳନ କରୁଛି ଏବଂ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଜୁଏଲାରୀର ପ୍ରତ୍ୟେକ ପିସ୍ ସ୍ମୃତିର ଏକ ଚିରସ୍ଥାୟୀ ରକ୍ଷକରେ ପରିଣତ ହୋଇଛି।' ସେହିପରି ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ କହିଛନ୍ତି, ' ସୁନା ଓ ରୁପା ଗତ ଦୁଇ ବର୍ଷ ମଧ୍ୟରେ ସର୍ବୋତମ ପ୍ରଦର୍ଶନକାରୀ ସମ୍ପତିରେ ପରିଣତ ହୋଇଛି। ଧନତେରସର ଉତ୍ସାହକୁ ପାଳନ କରିବା ଏବଂ ଆମର ପ୍ରିୟ ଗ୍ରାହକଙ୍କ ପାଇଁ ପାର୍ବଣ ସପିଙ୍ଗ ଅନୁଭୂତିକୁ ଉନ୍ନତ କରିବା ପାଇଁ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ ଅକ୍ଟୋବର ୭ରୁ ଅକ୍ଟୋବର ୨୦ ତାରିଖ ୨୦୨୫ରୁ ଆମର ସମସ୍ତ ଶୋ'ରୁମଗୁଡିକରେ ଉତ୍ସାହଜନକ ଡିଲର ଏକ ରେ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଉପରେ ପ୍ରତି ଗ୍ରାମ ପିଛା ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ଏବଂ ହୀରା ଅଳଙ୍କାର ଉପରେ ୧୫% ପର୍ଯ୍ୟ' ରିହାତିର ଲାଭ ଉପଭୋଗ କରିପାରିବେ। ଏହାବ୍ୟତୀତ ଆମେ ପୁରୁଣା ସୁନା ଏକ୍ସଚେ ଉପରେ ୦% ହ୍ରାସ ଏବଂ ୧୦,୦୦୦ ଟଙ୍କାରୁ ଅଧିକ ପ୍ରତ୍ୟେକ ଟ୍ରାନ୍ସକ୍ସନ ଉପରେ ୫୦୦ ଟଙ୍କାର ଏକ ସ୍ୱତନ୍ତ୍ର କୁପନ ପ୍ରଦାନ କରୁଛୁ, ଏଥିସହିତ ସେମାନେ ୧ କେଜି ପର୍ଯ୍ୟ' ସୁନା ଜିତିବାର ଏକ ସୁଯୋଗ ମଧ୍ୟ ପାଇପାରିବେ।'




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray